Test Booklet No.
परीक्षा पुस्तिका संख्या

This Booklet contains 20 printed pages.
इस पुस्तिका में 20 मुद्रित पृष्ठ हैं ।

# MAK-23-II

**PAPER II / प्रश्न-पत्र II**
**PART IV & V / भाग IV & V**
**Odia Language Supplement**
**उड़िया भाषा परिशिष्ट**

Test Booklet Code
परीक्षा पुस्तिका कोड

**F**

**Do not open this Test Booklet until you are asked to do so.**
**इस परीक्षा पुस्तिका को तब तक न खोलें जब तक कहा न जाए ।**
**Read carefully the Instructions on the Back Cover (Page 19 & 20) of this Test Booklet.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए गए निर्देशों को ध्यान से पढ़ें ।**

**For instructions in Odia see Page 2 of this booklet. / उड़िया में निर्देशों के लिए इस पुस्तिका का पृष्ठ 2 देखें ।**

| ***INSTRUCTIONS FOR CANDIDATES*** | ***परीक्षार्थियों के लिए निर्देश*** |
|---|---|
| 1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**. | 1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** । |
| 2. Candidates are required to answer Part I and Part II **or** III from the Main Test Booklet and Parts IV and V from the languages chosen by them. | 2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से । |
| 3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately. | 3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं । |
| 4. Use **Blue/Black Ball Point Pen only** for writing particulars on this page/marking responses in the Answer Sheet. | 4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल नीले/काले बॉल पॉइंट पेन** का प्रयोग करें । |
| 5. The CODE for this Language Booklet is **F**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet. | 5. इस भाषा पुस्तिका का **कोड F** है । यह सुनिश्चित कर लें कि इस भाषा परिशिष्ट पुस्तिका का कोड, उत्तर पत्र के **पृष्ठ-2** एवं मुख्य प्रश्न पुस्तिका पर छपे कोड से मिलता है । अगर यह भिन्न हो तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ । |
| 6. This Test Booklet has **two** Parts, IV and V consisting of **60** Objective Type Questions, and each carries 1 mark :<br>Part IV : Language I – (Odia) *(Q. Nos. 91 – 120)*<br>Part V : Language II – (Odia) *(Q. Nos. 121 – 150)* | 6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, तथा प्रत्येक 1 अंक का है :<br>भाग IV : भाषा I – (उड़िया) *(प्रश्न सं. 91 – 120)*<br>भाग V : भाषा II – (उड़िया) *(प्रश्न सं. 121 – 150)* |
| 7. Part IV contains 30 questions for Language I and Part V contains 30 questions for Language II. In this Test Booklet, only questions pertaining to Odia language have been given. **In case the language(s) you have opted for as Language I and/or Language II is a language other than Odia, please ask for a Supplement (Language) Test Booklet of F Code that contains questions on that language. The languages being answered must tally with the languages opted for in your Application Form. No change in languages is allowed.** | 7. भाग IV में भाषा I के लिए 30 प्रश्न और भाग V में भाषा II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से सम्बन्धित प्रश्न दिए गए हैं । **यदि भाषा I और/या भाषा II में आपके द्वारा चुनी गई भाषा(एँ) उड़िया के अलावा है/हैं, तो कृपया F कोड वाली उस भाषा वाली परिशिष्ट (भाषा) परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए । भाषाओं का परिवर्तन अनुमन्य नहीं है ।** |
| 8. **Candidates are required to attempt questions in Language II (Part V) in a language other than the one chosen as Language I (Part IV) from the list of languages.** | 8. **परीक्षार्थी भाषा II (भाग V) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग IV) में चुनी गई भाषा से भिन्न हो ।** |
| 9. Rough work should be done only in the space provided in the Test Booklet for the same. | 9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें । |
| 10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers. | 10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है । |

Name of the Candidate (in Capital Letters) : ______________________
परीक्षार्थी का नाम (बड़े अक्षरों में) :
Roll Number (अनुक्रमांक) : in figures (अंकों में) ______________________
: in words (शब्दों में) ______________________

Centre of Examination (in Capital Letters) : ______________________
परीक्षा केन्द्र (बड़े अक्षरों में) :
Candidate's Signature : ______________ Invigilator's Signature : ______________
परीक्षार्थी के हस्ताक्षर : निरीक्षक के हस्ताक्षर :
Facsimile signature stamp of Centre Superintendent ______________________

ଏହି ପୁସ୍ତକରେ **20** ମୁଦ୍ରିତ ପୃଷ୍ଠା ଅଛି ।

ପରୀକ୍ଷା ପୁସ୍ତକ କୋଡ

**F**

# MAK-23-II

## ପ୍ରଶ୍ନପତ୍ର II
## ଭାଗ IV & V
## ଓଡ଼ିଆ ଭାଷା ପରିଶିଷ୍ଟ

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ ।**

***ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ:***

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀଗଣ ଭାଗ I ଓ ଭାଗ II **ଅଥବା** ଭାଗ III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ ବ୍ଲୁ କିମ୍ବା ବ୍ଲାକ ବଲ୍ ପଏଣ୍ଟ ପେନ୍‌ରେ** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **F** । ମୁଖ୍ୟ ପ୍ରଶ୍ନପତ୍ରର ଉପର ଓ ଉତ୍ତରଖାତାର **ପୃଷ୍ଠା-2** ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି ଭାଷା I ଅଥବା ଭାଷା II ରେ କ୍ରମେ ଓଡ଼ିଆ ଭାଷାରେ ପରୀକ୍ଷା ପୁସ୍ତକ ଏ ଚାହୁଁଥିବା ଭାଷା ଅଛି, ତେବେ ଦୟାକରି F କୋଡ ବାଲା ଭାଗ ମାଗିନିଅନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ । ଭାଷାର ପରିବର୍ତ୍ତନକୁ ଅନୁମତି ଦିଆଯିବ ନାହିଁ ।**
8. **ଭାଷା II (ଭାଗ V) ରେ ଉତ୍ତର ଦେବା ପାଇଁ ଭାଷା I (ଭାଗ IV) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପରୀକ୍ଷା ପୁସ୍ତକ ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ମାର୍କ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀର ନାମ (ବଡ ଅକ୍ଷରେ ଲେଖନ୍ତୁ) : ______________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ______________________

: ଶବ୍ଦରେ ଲେଖନ୍ତୁ ______________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରେ ଲେଖନ୍ତୁ) : ______________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of
Centre Superintendent : ______________________

Candidates should answer questions from the following Part only if they have opted for **ODIA** as **LANGUAGE – I**.

# ଭାଗ IV

## ଭାଷା I

## ଓଡ଼ିଆ

***ନିର୍ଦ୍ଦେଶ :*** *ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 91 – 99ର ଉତ୍ତର ପ୍ରଦାନ କର ।*

ଆମ୍ଭେମାନେ ଚିତ୍ରପଟର ବାହ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଅଛୁ, କିନ୍ତୁ ଭିତରର ସୌନ୍ଦର୍ଯ୍ୟ ଅଥବା ଭାବ କିଛି ବୁଝି. ପାରୁନାହୁଁ କିମ୍ବା ତାହାର ବିଶେଷ ଦୋଷଗୁଣ ବିଚାର କରିବାକୁ ସୁଦ୍ଧା ଅସମର୍ଥ ଅଥଚ କିଛି କିଛି ସୌନ୍ଦର୍ଯ୍ୟ ଦେଖୁଅଛୁ; ଏହା ନିଶ୍ଚିତ । କିନ୍ତୁ ସେହି ଚିତ୍ରକରର ସମକକ୍ଷ ଅନ୍ୟଜଣେ ଚିତ୍ର ସମାଲୋଚକ ଯେବେ ସେହି ଚିତ୍ରପଟ ଦର୍ଶନ କରନ୍ତି, ତେବେ ସେ ତନ୍ନତନ୍ନ କରି ପୁଙ୍ଖାନୁପୁଙ୍ଖରୂପେ ସେହି ଚିତ୍ର ଦର୍ଶନ କରି କେତେ ସୌନ୍ଦର୍ଯ୍ୟ ଉପଲବ୍ଧ କରିବେ । ଏଠାରେ ଶିକ୍ଷା ଉପରେ ସୌନ୍ଦର୍ଯ୍ୟ ଦର୍ଶନ ନିର୍ଭର କରୁଅଛି ।

ଗୀତ ସମସ୍ତେ ଶୁଣନ୍ତି, ମିଠା ବୋଧ ହେଲେ ସମସ୍ତେ "ଆହା କି ସୁନ୍ଦର" କହିଥାନ୍ତି, କିନ୍ତୁ ପ୍ରକୃତ ସ୍ୱର, ତାଳ ବୁଝନ୍ତି କେତେଜଣ ? ମହାକାବ୍ୟ ସମସ୍ତେ ପଢ଼ନ୍ତି, କିନ୍ତୁ ପ୍ରକୃତ ରସ–ବିଚାର–ବୋଧ କେତେ ଜଣଙ୍କର ଅଛି ? ଗ୍ରନ୍ଥ ଅନେକ ଲୋକ ଲେଖନ୍ତି କିନ୍ତୁ କେତେଖଣ୍ଡ ପ୍ରକୃତ ପାଠଯୋଗ୍ୟ ହୋଇଥାଏ ? ଏ ସମସ୍ତ ବିଷୟର ସୌନ୍ଦର୍ଯ୍ୟ ଉପଲବ୍ଧି କରିବାକୁ ହେଲେ ସତଶିକ୍ଷା ଆବଶ୍ୟକ ଏବଂ ରୁଚି ମଧ୍ୟ ମାର୍ଜିତ ହେବାର ପ୍ରୟୋଜନ ।

ସାହିତ୍ୟ ଓ କାବ୍ୟ–ଜଗତର ସୌନ୍ଦର୍ଯ୍ୟ ମଧ୍ୟ ଗୋଟିଏ ସହଜ ବ୍ୟାପାର ନୁହେଁ । ସ୍ଥୁଳଜଗତ ଛାଡି ଅନ୍ତର୍ଜଗତ ସୃଷ୍ଟି କରିବା ପ୍ରକୃତ ପ୍ରତିଭାବାନ ବ୍ୟକ୍ତିର କାର୍ଯ୍ୟ । ସେ ଶ୍ରେଣୀର ଲୋକ ସର୍ବଦା ଜନ୍ମଗ୍ରହଣ କରନ୍ତି ନାହିଁ । ସାହିତ୍ୟ ଜଗତର ଅମର କବି ବାଲ୍ମୀକିଙ୍କ ରାମାୟଣ, ବ୍ୟାସଦେବଙ୍କ ମହାଭାରତ ରସର ସମୁଦ୍ରବିଶେଷ । ମାନବ ଚରିତ୍ରର ଏପରି ବିଶ୍ଳେଷଣ ଏବଂ ଘଟନା–ପରମ୍ପରାର ଏଭଳି କୌଶଳ ସଂଯୋଗ ଅତ୍ୟଳ୍ପ ଦେଖିବାକୁ ମିଳେ । କାଳିଦାସଙ୍କ ଅଭିଜ୍ଞାନ–ଶାକୁନ୍ତଳମ୍ କିମ୍ବା ଭବଭୂତିଙ୍କ ଉତ୍ତରରାମଚରିତ ରୂପ ରତ୍ନଗୁଡିକର ସୌନ୍ଦର୍ଯ୍ୟ କେତେଜଣ ପ୍ରକୃତ ଭାବରେ ଦେଖନ୍ତି ? ସେକ୍ସପିୟରଙ୍କ ଗ୍ରନ୍ଥାବଳି ଅନେକ ଲୋକ ପାଠ କରିଥାନ୍ତି, କିନ୍ତୁ ମ୍ୟାକବେଥ, ହ୍ୟାମଲେଟ, ଓଥେଲୋ କିମ୍ବା କିଙ୍ଗଲିୟରର ସୌନ୍ଦର୍ଯ୍ୟ ବୁଝିବାକୁ କେତେଜଣ ସମର୍ଥ ? କାବ୍ୟ ଜଗତର ସୌନ୍ଦର୍ଯ୍ୟ ବଡ଼ ସହଜ ଦ୍ରବ୍ୟ ନୁହେଁ ।

**91.** ଲୋକେ କାହାର ବାହ୍ୟସୌନ୍ଦର୍ଯ୍ୟରେ ଖୁସି ହୋଇଥାନ୍ତି ?

(1) ସବୁଜକ୍ଷେତର

(2) ଅରଣ୍ୟାନୀର

(3) ପ୍ରକୃତିର

(4) ଚିତ୍ରପଟର

**92.** ସୌନ୍ଦର୍ଯ୍ୟଦର୍ଶନ କାହା ଉପରେ ଅବଧାରିତ ହୋଇଥାଏ ?

(1) ମନୋଭାବ

(2) ଚିତ୍ତବୃତ୍ତି

(3) ଶିକ୍ଷା

(4) ଉତ୍କଣ୍ଠା

**93.** ଆମେ ଚିତ୍ରପଟର କେଉଁ ଜିନିଷ ବୁଝିବାକୁ ଅସମର୍ଥ ହୋଇଥାଉ ?

(1) ଭାବ

(2) ଗୁଣ

(3) ରୂପ

(4) ଅର୍ଥ

**94.** ମହାକାବ୍ୟର ରସବିଗ୍ରହ ପାଇଁ କ'ଣ ଅତ୍ୟନ୍ତ ଆବଶ୍ୟକ ?

(1) ସଂସ୍କୃତଜ୍ଞାନ

(2) ପ୍ରାଚୀନ ବିଗ୍ରହବୋଧ

(3) ମାର୍ଜିତରୁଚି

(4) ଆଧୁନିକଶିକ୍ଷା

**95.** ପ୍ରତିଭାବାନ ସାଧାରଣତଃ କେଉଁଥିରେ ବ୍ୟାପୃତ ହୋଇଥାଏ ?

(1) ଅନ୍ତର୍ଜଗତର ସୃଷ୍ଟିରେ

(2) ଅନ୍ତଃସୌନ୍ଦର୍ଯ୍ୟ ଦର୍ଶନରେ

(3) ପଠନ କାର୍ଯ୍ୟରେ

(4) ଧ୍ୟାନରେ

**96.** ରସରସାଗର ବୋଲି କେଉଁଗ୍ରନ୍ଥକୁ କୁହାଯାଇଥାଏ ?

(1) ସମରକାବ୍ୟ

(2) ରାମାୟଣ

(3) ଉପନିଷଦ

(4) ବେଦ

**97.** କେଉଁ ପଦାର୍ଥ ସହଜଲବ୍ଧ ନୁହେଁ ?

(1) କାବ୍ୟଦୋଷବିଗ୍ରହ

(2) କାବ୍ୟର ଧ୍ୱନିବିଗ୍ରହ

(3) ରସନିର୍ଯ୍ୟାସ୍

(4) କାବ୍ୟ ସୌନ୍ଦର୍ଯ୍ୟ

**98.** 'ସୌନ୍ଦର୍ଯ୍ୟ' — ର କେଉଁ ସନ୍ଧି ବିଚ୍ଛେଦଟି ଠିକ୍ ?

(1) ସୁନ୍ଦର + ଯ

(2) ସୁନ୍ଦର + ୟ

(3) ସୌ + ଅନ୍ଦର୍ଯ୍ୟ

(4) ସୁନ୍ଦର + ଅର୍ଯ୍ୟ

**99.** 'ଉପଲବ୍ଧି' — ର କେଉଁ ଅର୍ଥଟି ଠିକ୍ ?

(1) ଅନୁଭବ

(2) ଲିଖନ

(3) ପଠନ

(4) ମନନ

***ନିର୍ଦ୍ଦେଶ :** ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100 – 105ର ଉତ୍ତର ପ୍ରଦାନ କର ।*

ସଲିଳ ନ ସିଞ୍ଚି ଖାଲି ଦଣ୍ଡବତ
କରିବାକୁ ଛନ୍ତି ଲୋକ ଶତଶତ,
ଥାଉଁ କି ଶ୍ରୀ ରାମଚନ୍ଦ୍ର, ନରରାଣ
ବୟସେ କିଶୋର ଜ୍ଞାନେ ବର୍ଷୀୟାନ,
ଥାଉଁ ଥାଉଁ ବାସୁଦେବ ନୃପବର

ବିଦ୍ୱାନ–ମରାଳ–କୁଳ–ପଦ୍ମାକର,
ନରେଶ ମହେନ୍ଦ୍ର ସ୍ୱଦେଶ ଗୌରବ,
ଗୁଣିବୃନ୍ଦ–ଅନିବନ୍ଧନ–ବାନ୍ଧବ,
ତୁମ୍ଭପରି ଜ୍ଞାନ–ତରୁ ମଉଳିଲା
ଏହା ଦେଖିବାକୁ ବିହି ଲେଖିଥିଲା

ଶୁଷ୍କବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ
ପ୍ରତିଭାର ପରା ଲଲାଟ–ଲେଖନ
ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା

**100.** କବିତାରେ କେଉଁ ରାମଚନ୍ଦ୍ରଙ୍କ କଥା କୁହାଯାଇଛି ?

(1) ଗଜପତି ରାମଚନ୍ଦ୍ର ଦେବ

(2) ରାମଚନ୍ଦ୍ର ମଙ୍ଗରାଜ

(3) ଅଯୋଧ୍ୟାର ରାମଚନ୍ଦ୍ର

(4) ମୟୂରଭଂଜର ରାମଚନ୍ଦ୍ର ଭଂଜଦେବ

**101.** 'ବର୍ଷୀୟାନ' କହିଲେ କ'ଣ ବୁଝାଯାଏ ?

(1) ବାଳୁତ

(2) ଅଭିଜ୍ଞ

(3) ବୃଦ୍ଧି

(4) କନିଷ୍ଠ

**102.** 'ଜ୍ଞାନତରୁ' — ର କେଉଁ ବ୍ୟାସବାକ୍ୟଟି ଠିକ୍ ?

(1) ଯେ ଜ୍ଞାନ ସେ ତରୁ

(2) ଜ୍ଞାନ ଅଟେ ତରୁ

(3) ଜ୍ଞାନରେ ତରୁ

(4) ଜ୍ଞାନରୂପକ ତରୁ

**103.** ପ୍ରତିଭାଶାଳୀର ଲଲାଟରେ କ'ଣ ଲେଖାଥାଏ ?

(1) ଦାରିଦ୍ର୍ୟ

(2) ଦୁଃଖ

(3) ଶୁଷ୍କବନ୍ଧ୍ୟଯଶ

(4) ଅପଖ୍ୟାତି

**104.** କବିତାଂଶରେ ଲକ୍ଷ୍ମୀଙ୍କର ସଉତୁଣୀ ବୋଲି କାହାକୁ କୁହାଯାଇଛି ?

(1) ବନ୍ଧ୍ୟଯଶ

(2) ସରସ୍ୱତୀ

(3) ଅର୍ଦ୍ଧାଶନ

(4) ଦାରିଦ୍ର୍ୟ

**105.** ବିଦ୍ୱାନ ମରାଳକୁଳର ପଦ୍ମାକର କିଏ ?

(1) ବାସୁଦେବ ସୁଢଳଦେବ

(2) ଶ୍ରୀରାମଚନ୍ଦ୍ରଦେବ

(3) ସାମନ୍ତ ଚନ୍ଦ୍ରଶେଖର

(4) ମହେନ୍ଦ୍ର

***ନିର୍ଦ୍ଦେଶ : ସବୁଠାରୁ ଉପଯୁକ୍ତ ଉତ୍ତର ନିର୍ବାଚନକରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ । (ପ୍ରଶ୍ନ 106 – 120)***

**106.** ବିଦ୍ୟାର୍ଥୀର କାର୍ଯ୍ୟକୁ ଉଦାହରଣ ରୂପେ ପାଠକର ଏବଂ ଏହି ଉଦାହରଣକୁ ଖାପଖୁଆଉ ଥିବା କୌଶଳଟିକୁ ବାଛ ।

"ମୁଁ ଯଦି କାହାର ଅର୍ଥ ଜାଣେନାହିଁ ମୁଁ ତାକୁ ଦେଖିବି"

(1) ସହାୟକ ଗ୍ରନ୍ଥର ସାହାଯ୍ୟ

(2) ଦ୍ୱିଧାଗ୍ରସ୍ତ ମନ

(3) ଶବ୍ଦବିନ୍ୟାସ ଉପରେ ଗୁରୁତ୍ୱ

(4) ଅଭ୍ୟାସ ପାଇଁ ସୁଯୋଗର ସଦ୍‌ବ୍ୟବହାର

**107.** ଏକ ନିଦାନଭିତ୍ତିକ ପରୀକ୍ଷା __________ ଜାଣିବାକୁ କରାଯାଇଥାଏ ।

(1) ପାଠ୍ୟର ପ୍ରଧାନ ତଥ୍ୟ ଗୁଡ଼ିକୁ ମୁଖସ୍ଥ କରିବାରେ ବିଦ୍ୟାର୍ଥୀର ଦକ୍ଷତା

(2) ସଫଳତା ଅନୁଯାୟୀ ଶିକ୍ଷାର୍ଥୀଙ୍କର ସ୍ଥାନ ନିରୂପଣ

(3) ଭାଷାରେ ବିଦ୍ୟାର୍ଥୀର ସବଳ ଓ ଦୁର୍ବଳ ଦିଗ

(4) ନିଜ ଭାଷାରେ କରୁଥିବା ଭୁଲ ଚିହ୍ନଟରେ ବିଦ୍ୟାର୍ଥୀର ଦକ୍ଷତା

**108.** ଏକ ପ୍ରବୀଣତା ପରୀକ୍ଷା ସର୍ବଦା ତ୍ୱରାନ୍ୱିତ କରିଥାଏ —

(1) ଭାଷାର ଯେଉଁ ସ୍ତରଯାଏ ବିଦ୍ୟାର୍ଥୀ ପହଁଚିଛନ୍ତି

(2) ବହୁ ସଂବେଦନଗ୍ରାହୀ ଶିକ୍ଷଣ ଅନୁଭୂତି

(3) ପ୍ରତିଦିନର କଥାବାର୍ତ୍ତାରେ ଭାଷା

(4) ବିଦ୍ୟାର୍ଥୀଙ୍କୁ ଯେଉଁ ଭାଷା ଶିକ୍ଷା ଦିଆଯାଇଥାଏ

**109.** ଜଣେ ଶିକ୍ଷକ ପିଲାଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରି ହାତୀ ବିଷୟରେ ଏକ ଗଳ୍ପ ପଠନ ପୂର୍ବରୁ ତା ଉପରେ କୁଇଜ୍ କରିବାକୁ କହିଲେ । ଏଠାରେ ଶିକ୍ଷକଙ୍କ ଉଦ୍ଦେଶ୍ୟ ହେଉଛି —

(1) ଗୋଟିଏ ବିଷୟରେ ଆଗ୍ରହ ସୃଷ୍ଟି କରିବା

(2) ଏକ ପାଠ୍ୟର ରିଭିଉ ଲେଖିବା

(3) ସେମାନଙ୍କ ସ୍ମରଣଶକ୍ତି ପରୀକ୍ଷା କରିବା

(4) ପ୍ରକୃତ ଫିଡବାକ୍ ଦେବା

**110.** ଗୋଟିଏ ଭାଷା ଶିକ୍ଷାଶ୍ରେଣୀରେ ବିଦ୍ୟାର୍ଥୀମାନେ ବିଶୃଙ୍ଖଳ ହୋଇ ଉଠିଛନ୍ତି । ଏହି ପରିସ୍ଥିତିର ସାମନା କରିବାକୁ ଜଣେ ଶିକ୍ଷକ କ'ଣ କରିବା ଉଚିତ ?

(1) ଉପଗ୍ର୍‌ର କରି ପିଲାଙ୍କ ସହିତ କଥାବାର୍ତ୍ତା କରିବା

(2) ଉପଗ୍ର୍‌ର ପାଇଁ ଅଭିଭାବକଙ୍କ ଉପରେ ନିର୍ଭର କରିବା

(3) ବିଦ୍ୟାଳୟ କର୍ତ୍ତୃପକ୍ଷକୁ ବିଦ୍ୟାର୍ଥୀଙ୍କ ବ୍ୟବହାର ବିଷୟରେ ଜଣାଇବା

(4) ଅଭିନିବିଷ୍ଟ ବିଦ୍ୟାର୍ଥୀଙ୍କୁ ସମ୍ବୋଧନ କରିବା

**111.** "ଯେତେବେଳେ ବିଦ୍ୟାର୍ଥୀ ବିଗ୍ରର ମାନସମନ୍ଥନ କରନ୍ତି, ଆୟୋଜନକରନ୍ତି, ଚିଠାପ୍ରସ୍ତୁତ କରନ୍ତି, ସଂପାଦନ କରନ୍ତି ଓ କାର୍ଯ୍ୟର ପରିମାର୍ଜନ କରନ୍ତି" — ଏହି ପଦ୍ଧତିଟି କେଉଁ କୌଶଳକୁ ବୁଝାଇଥାଏ ?

(1) ପଠନକୌଶଳ

(2) ଲିଖନକୌଶଳ

(3) ଶ୍ରବଣକୌଶଳ

(4) କଥନକୌଶଳ

**112.** ସ୍ଥାପନା (A) : ପ୍ରାଥମିକ ସ୍ତରରେ ପଠନ ଓ ଲିଖନ କୌଶଳ ସମାଲୋଚନାତ୍ମକ ବିଗ୍ରରକୁ ସାହାଯ୍ୟ କରିଥାଏ ।

ଯୁକ୍ତି (R) : ସମାଲୋଚନାତ୍ମକ ବିଗ୍ର ହେଉଛି ପଠନ ଓ ଲିଖନର ଉପକୌଶଳ ।

ନିମ୍ନ ବିକଳ୍ପରୁ ସଠିକ୍ ଉତ୍ତର ବାଛ :

(1) ଉଭୟ (A) ଓ (R) ଠିକ୍ ଏବଂ (A) ର ସଠିକ ବ୍ୟାଖ୍ୟା (R) ନୁହେଁ

(2) (A) ଠିକ୍ ନୁହେଁ କିନ୍ତୁ (R) ଠିକ୍

(3) (A) ଠିକ୍ କିନ୍ତୁ (R) ଠିକ୍ ନୁହେଁ

(4) ଉଭୟ (A) ଓ (R) ଠିକ୍ ଏବଂ (R) ହେଉଛି (A) ର ସଠିକ ବ୍ୟାଖ୍ୟା

**113.** ଭାଷାକୌଶଳ ଭଲଭାବେ ଶିଖାଯାଇପାରେ

(1) ବୈଧତାଯୁକ୍ତ ଓ ଯାନ୍ତ୍ରିକ ଭାଷିକ କୌଶଳର ସାହାଯ୍ୟ ନେବା

(2) ଯଦି ସେମାନେ ଏକ ସୁସଂହତ ବ୍ୟବହାରର ଅପେକ୍ଷା ରଖନ୍ତି

(3) କେବଳ ଲିଖିତ ପରୀକ୍ଷା ଓ ଆସାଇନମେଣ୍ଟ ମାଧ୍ୟମରେ

(4) ଏକାସାଙ୍ଗରେ ଯଦି ଶିକ୍ଷକ ଗୋଟିଏ କୌଶଳ ଉପରେ ଗୁରୁତ୍ୱ ଦିଅନ୍ତି

**114.** ବ୍ୟାଖ୍ୟାତ୍ମକ କୌଶଳକୁ ବିଦ୍ୟାର୍ଥୀଗଣ କିପରି ବୁଝୁଛନ୍ତି, ସେହି ବିଷୟ ପରୀକ୍ଷା କରିବା ପାଇଁ ଶିକ୍ଷକ ବିଦ୍ୟାର୍ଥୀଙ୍କୁ ପଚାରିଥାନ୍ତି

(1) ସେମାନେ ଆଶ୍ଚର୍ଯ୍ୟ ହେଉଥିବା ଘଟଣାକୁ ସେଆର କରିବା

(2) ଶବ୍ଦକୁ ବୁଝିଲାବେଳେ ଭୁଲ୍‌ର ସଂଶୋଧନ କରିବା

(3) ଗଳ୍ପଟିକୁ ପଢି ବୋଧ ଆଧାରିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ

(4) ପାଠ୍ୟରେ ଥିବା କ୍ରିୟା ଓ ବିଶେଷଣକୁ ମୁଣ୍ଡଳିବୁଲାଅ

**115.** ସପ୍ତମଶ୍ରେଣୀର ଜଣେ ଶିକ୍ଷକ ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ବହିର ପଠନକୁ ଉତ୍ସାହିତ କରିଥାନ୍ତି ସେ ଏଠାରେ ସେମାନଙ୍କର ________ କୁ ତ୍ୱରାନ୍ୱିତ କରିଥାନ୍ତି ।

(1) ପୁଙ୍ଖାନୁପୁଙ୍ଖ ପଠନ

(2) ବିସ୍ତୃତ ପଠନ

(3) ନିର୍ଦ୍ଦେଶ ଆଧାରିତ ପଠନ

(4) ପାରସ୍ପରିକ ପଠନ

**116.** ଏକ ନୂଆ ସେସନ ପାଇଁ ପାଠ୍ୟପୁସ୍ତକ ଓ ଅନ୍ୟ ସାମଗ୍ରୀ ଚୟନ ପାଇଁ ଅଧ୍ୟକ୍ଷ ଜଣେ ଭାଷାଶିକ୍ଷକଙ୍କୁ କହନ୍ତି । ଚୟନ କାର୍ଯ୍ୟପାଇଁ ଏଠାରେ କେଉଁଟି ଯଥାର୍ଥ ***ନୁହେଁ*** ?

(1) ପୁସ୍ତକ ଓ ସମ୍ବଳର ଉପଯୋଗିତା

(2) ଛାତ୍ରଛାତ୍ରୀଙ୍କ ସ୍ତର

(3) ଅବଧାରଣାଗତ ଜଟିଳତା ଓ ସାମଗ୍ରୀର ପ୍ରଚୁରତା

(4) ପଠନ ଆବଶ୍ୟକତା ଓ ପିଲା ଜାଣିଥିବା ଭାଷା

**117.** ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଭାଷା ସାମଗ୍ରୀର ବ୍ୟବହାରକୁ ନିରୀକ୍ଷଣ କରିବା ପାଇଁ ଶିକ୍ଷକ କୌଶଳର ବିକାଶ କରିଥାନ୍ତି । ସେହି ସାମଗ୍ରୀର ବ୍ୟବହାର ନିରୀକ୍ଷଣରେ କେଉଁ କୌଶଳଟି ଅଧିକ ସହାୟକ ଓ ସର୍ବୋତ୍ତମ ?

(1) ଉପସ୍ଥାପନ, ପ୍ରସ୍ତୁତି ଓ ସାମଗ୍ରୀର ଅଭ୍ୟାସ

(2) ନିରୀକ୍ଷଣ, ଫିଡବାକ୍ ସେସନ ଓ ରିପୋର୍ଟ ଲିଖନ

(3) ଚେକଲିଷ୍ଟ, ଅବଧାରଣା ଓ ଶିକ୍ଷଣ ଫଳାଫଳ

(4) ବ୍ୟବହାର, ପୁନରାବୃତ୍ତି ଓ ଉଚ୍ଚାରଣ କାର୍ଯ୍ୟ

**118.** ଷଷ୍ଠଶ୍ରେଣୀର ପିଲାଙ୍କୁ ଜଣେ ଶିକ୍ଷକ କ୍ୟାପସନ ଲେଖାଥିବା ଏକ ସିନେମା ଦେଖାଇଲେ । ଏହି ସିନେମାଟି ପାଠ୍ୟପୁସ୍ତକର ଗୋଟିଏ ପରିଚ୍ଛେଦ ଉପରେ ଆଧାରିତ । କ୍ୟାପସନ ଲେଖାଥିବା ଏହି ସିନେମାଟି ଉତ୍ସାହିତ କରିବ ________ ।

(1) ଶ୍ରବଣକୌଶଳ, ସକ୍ରିୟଦର୍ଶନ ଓ ପ୍ରକୃତ ଭାଷା ସାମଗ୍ରୀର ବ୍ୟବହାରକରିବାକୁ ବିଦ୍ୟାର୍ଥୀମାନଙ୍କୁ ପ୍ରବର୍ତ୍ତାଇବା

(2) ବିଦ୍ୟାର୍ଥୀଗଣ ଏଇ ପ୍ରକାର ସିନେମା ଅଧିକ ଦେଖିବା

(3) ମୌଖିକ ସୂଚନା ଦ୍ୱାରା ଶ୍ରବଣକୌଶଳ ଓ କାର୍ଯ୍ୟ ଧାରାକୁ ପସନ୍ଦ କରିବା ଏବଂ ଏକ ରିଭିଉ ଲେଖିବା

(4) ସକ୍ରିୟ ଦର୍ଶନ ଓ ଶ୍ରବଣ

**119.** ସ୍ଥାପନା (A) : ପିଲାଟିଏ ପ୍ରାଥମିକ ଅବସ୍ଥାରେ ବିଶେଷ୍ୟଠାରୁ ଅଧିକ କ୍ରିୟା ବ୍ୟବହାର କରିଥାଏ ଏବଂ ବ୍ୟାକରଣ ନିୟମକୁ ଖାତିର କରିନଥାଏ ।

ଯୁକ୍ତି (R) : ସେମାନେ ଶବ୍ଦଜ୍ଞାନରେ ଦୁର୍ବଳ ।

ନିମ୍ନ ବିକଳ୍ପରୁ ସର୍ବାଧିକ ଉପଯୋଗୀ ଉତ୍ତରଟି ବାଛ :

(1) (A) ଠିକ୍ କିନ୍ତୁ (R) ଭୁଲ

(2) (A) ଭୁଲ କିନ୍ତୁ (R) ଠିକ୍

(3) ଉଭୟ (A) ଓ (R) ଠିକ୍ ଏବଂ (R) ହେଉଛି (A) ର ସଠିକ ବ୍ୟାଖ୍ୟା

(4) ଉଭୟ (A) ଓ (R) ଠିକ୍ କିନ୍ତୁ (A) ର ସଠିକ ବ୍ୟାଖ୍ୟା (R) ***ନୁହେଁ***

**120.** ପିଲାଟିଏ ନିଜ ମା' ସହିତ ଭାଷା ଶିକ୍ଷା ଶ୍ରେଣୀର ଅଭିଜ୍ଞତା କଥା ସେୟାର କରି କହୁଛି — "କିଛି ସମୟ ଆମେ ଆଖି ବନ୍ଦ କରିଥାଉ ଏବଂ ଶିକ୍ଷକ ଆମକୁ ଗୋଟିଏ ବ୍ୟାଗ ଉଠାଇବାକୁ କହନ୍ତି । ତାପରେ ଆମେ ଏହାକୁ ବର୍ଣ୍ଣନା କରିବାକୁ ଚେଷ୍ଟାକରୁ ।" ଏହା ବାସ୍ତବରେ ଶିକ୍ଷଣର ଏକ ଉତ୍ତମ ଉପାୟ ।

ଏହି ମନ୍ତବ୍ୟଟି ପିଲାର ଏକ ଶିକ୍ଷଣ କୌଶଳକୁ ଦର୍ଶାଉଛି । ଉପଯୁକ୍ତ ପସନ୍ଦଟିକୁ ଚିହ୍ନାଅ ।

(1) ଉଠିଲା ବେଳେ ମୁଁ ଭାଷାକଥା ଭଲଭାବେ ମନେ ପକାଇପାରୁଛି

(2) ଉତାରିଲା ବେଳେ ମୁଁ ଭାଷାକଥା ଭଲଭାବେ ମନେ ପକାଇପାରୁଛି

(3) ଦେଖିଲା ବେଳେ ମୁଁ ଭାଷାକଥା ଭଲଭାବେ ମନେ ପକାଇପାରୁଛି

(4) ଶୁଣିଲା ବେଳେ ମୁଁ ଭାଷାକଥା ଭଲଭାବେ ମନେ ପକାଇପାରୁଛି

Candidates should answer questions from the following Part only if they have opted for **ODIA** as **LANGUAGE – II**.

# ଭାଗ V

## ଭାଷା II

## ଓଡ଼ିଆ

***ନିର୍ଦ୍ଦେଶ :*** *ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 121 – 128ର ଉତ୍ତର ପ୍ରଦାନ କର ।*

ମଣିଷ ଏତେ କାଳଧରି ସଭ୍ୟତାର ଫଳସବୁ ଭୁଞ୍ଜିଛି ଯେ, ସଭ୍ୟତା ତାର ରକ୍ତ ମାଂସ, ଅସ୍ଥି ମଜ୍ଜାରେ ମିଶି ଯାଇଛି । ସଭ୍ୟତା ଗୋଟିଏ ସାଜ ନୁହେଁ ଯେ ତାକୁ ଉତାରି ଫିଙ୍ଗି ଦେଇ ହେବ । ବଣଜଙ୍ଗଲରେ ପ୍ରକୃତି ସହିତ ମିଶି ବେପରୁଆ ଭାବ ବଞ୍ଚିଥିବା ପ୍ରାକ ସଭ୍ୟତା କାଳର ମଣିଷ ଜୀବନକୁ ହିପ୍‌ପୀ ଓ ସମଗୋତ୍ରୀ ଯୁବକଯୁବତୀ ଆଦର୍ଶ କରିନିଅନ୍ତି । ମନରେ ପ୍ରଶ୍ନ ଉଠେ । ବଣ–ମଣିଷର ଜୀବନ କ'ଣ ସତରେ ବେପରୁଆ ଥିଲା ? ବାଘ ଭାଲୁ ପରି ହିଂସ୍ରଜନ୍ତୁଙ୍କ ଭୟ, ତୋଫାନ, ଶୀତ ଓ ଅଗ୍ନିକାଣ୍ଡରୁ ରକ୍ଷା ପାଇବାର ଚିନ୍ତାକୁ ସେ ଘଉଡେଇ ଦେଇ ପାରୁଥିଲା ?

ସେ ଯାହାହେଉ, ଦୂର ପର୍ବତ ସୁନ୍ଦର ନ୍ୟାୟରେ ବଣମଣିଷ ବେପରୁଆ ଓ ଜଞ୍ଜାଳଶୂନ୍ୟ ଜୀବନ ବଞ୍ଚିଥିଲା ବୋଲି ଆମେ ଧରିନେଉ । ହିପ୍‌ପୀ ଓ ତାର ସମଗୋତ୍ରୀମାନେ ସଭ୍ୟତାର ଚାକଚକ୍ୟ ଛାଡନ୍ତି । ମାତ୍ର ସଭ୍ୟତାର ସବୁ ଦାନକୁ ସେମାନେ ବର୍ଜନ କରି ପାରନ୍ତି ନାହିଁ । ଆମେ ଦେଖିବାକୁ ହିପ୍‌ପୀଟିଏ ଦେହରେ ଅତି ସାଧାରଣ ମଇଳା ଅଙ୍ଗଲୁଗା, କାନ୍ଧରେ ଛୋଟିଆ ବ୍ୟାଗ, ସାଙ୍ଗରେ ସିତାର ବା ସେଇଭଳି କିଛି ଖଣ୍ଡେ ବାଦ୍ୟଯନ୍ତ୍ର । ତା'ର ସେତିକି ଆବଶ୍ୟକ, ସେତିକି ତାର ସଂସାର । କ'ଣ କମ୍ କି ! ବଣରେ ହେଉଥିବା ବାଉଁଶରୁ ବଇଁଶୀ ତିଆରି କରିବା ପାଇଁ ମଣିଷ କେତେ ହଜାର ବର୍ଷ ମାତିଲା ! ସେ ବଂଶୀରେ ସୁର ଦେବା ପାଇଁ, ନୂଆନୂଆ ସୁର ସୃଷ୍ଟି କରିବା ପାଇଁ କେତେ ହଜାର ବର୍ଷ ସାଧନା ନ କଲା ! ସିତାର ସମ୍ପର୍କରେ ସେଇକଥା କୁହାଯିବ । ତାର ପାଞ୍ଚ ଖଣ୍ଡ ଓ ପାଞ୍ଚ ଆଙ୍ଗୁଠି ଚାଳନାର କାରସାଦିରେ ମଣିଷ ଯେଉଁ ସିଦ୍ଧି ଅର୍ଜିଛି ତାକୁ ସଭ୍ୟତାର ଅବଦାନ କହିବା ଯଥେଷ୍ଟ ହେବନାହିଁ । ତାହା ହେଉଛି ମାନବ ସଭ୍ୟତାର ଚରମ ବିକାଶର ନିଦର୍ଶନ ।

**121.** ମଣିଷର ଅସ୍ଥି ମଜ୍ଜାରେ କ'ଣ ଭଲଭାବେ ମିଶିଯାଇଛି ?

(1) ଗ୍ଲିଚଳନ

(2) ଧାର୍ମିକଚିନ୍ତା

(3) ସଂସ୍କୃତି

(4) ସଭ୍ୟତା

**122.** 'ସାଜ' — ର ଅର୍ଥ କ'ଣ ?

(1) ଶିରସ୍ତ୍ରାଣ

(2) ପୋଷାକ

(3) ଅସ୍ତ୍ର

(4) ବିବେକ

**123.** ପ୍ରାକ୍ ସଭ୍ୟତାର ଚଳଣିକୁ କେଉଁମାନେ ଜୀବନର ଆଦର୍ଶ ଭାବେ ମାନିନେଇଛନ୍ତି ?

(1) ହିପ୍‌ପୀ

(2) ଆଧୁନିକ ମଣିଷ

(3) ଆଦିମଅଧିକାରୀ

(4) ପ୍ରସ୍ତରଯୁଗର ମଣିଷ

**124.** ପ୍ରାକ୍ ସଭ୍ୟତାକାଳର ମଣିଷ କିପରି ଭାବେ ଜୀବନଯାପନ କରୁଥିଲା ?

(1) ଶଙ୍କାହୀନ ଭାବେ

(2) ସନ୍ଦେହୀ ଭାବେ

(3) ବେପରୁଆ ଭାବେ

(4) ଭୟାଳୁ ଭାବେ

**125.** କାହାର ସମସ୍ତ ଦାନକୁ ହିପ୍‌ପୀ ଓ ତାଙ୍କ ସମଗୋତ୍ରୀମାନେ ଛାଡ଼ି ପାରନ୍ତି ନାହିଁ ?

(1) ଚଳଣିର

(2) ସଂପ୍ରଦାୟର

(3) ସଂସ୍କୃତିର

(4) ସଭ୍ୟତାର

**126.** ମାନବ ସଭ୍ୟତାର ଚରମ ବିକାଶ କେଉଁଥିରେ ଘଟିଛି ?

(1) ସିତାର ବାଦନର ସିଦ୍ଧିରେ

(2) ପୋଷାକ ପରିଛଦରେ

(3) ନୂତନ ତଥ୍ୟର ଆବିଷ୍କାରରେ

(4) ବୈଜ୍ଞାନିକ ମନୋଭାବର ବିକାଶରେ

**127.** 'ବେପରୁଆ' — ଶବ୍ଦଟି କେଉଁ ଅର୍ଥକୁ ବୁଝାଉଛି ?

(1) ବାଗ୍‌ଲ

(2) ଲଗାମହୀନ

(3) ଦୁଷ୍ଟ

(4) ଅଶିକ୍ଷିତ

**128.** 'ସୃଷ୍ଟି' — ବିପରୀତ ଶବ୍ଦ କେଉଁଟି ?

(1) ଧ୍ୱଂସ

(2) ଅନଟନ

(3) ବିକାଶ

(4) ପ୍ରସାର

***ନିର୍ଦ୍ଦେଶ :*** *ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 129 – 135ର ଉତ୍ତର ପ୍ରଦାନ କର ।*

ଭାରତରେ ମୋର ଦୀର୍ଘ ଅବସ୍ଥାନ ଫଳରେ ମୋତେ ଜଣାଗଲା ଯେ, ଭାରତୀୟ ସଂସ୍କୃତିର ମୂଳାଧାର ହେଉଛି ଏକ; ମାତ୍ର ଇନ୍ଦ୍ରଧନୁ ପରି ଏହା ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରଙ୍ଗ ଧାରଣ କରିଛି । ଓଡ଼ିଶାରେ ଏହି ରଙ୍ଗ ଦିନେ ମହୋଜ୍ଜ୍ୱଳ ହୋଇ ଭାରତକୁ ଚମତ୍କୃତ କରିଥିଲା; ମାତ୍ର ଅଧୁନା ଦୈନ୍ୟ ମଧ୍ୟରେ ତାହା ମଳିନ ହୋଇପଡ଼ିଛି ।

ଓଡ଼ିଆମାନଙ୍କୁ କଅଣ ସମସ୍ତ ଭାରତୀୟ ହୀନଦୃଷ୍ଟିରେ ଦେଖନ୍ତି ? ମୋ ଅନୁଭବରୁ ମୁଁ ଜାଣିଛି ଯେ, ସମସ୍ତ ଭାରତୀୟ ଓଡ଼ିଆମାନଙ୍କୁ ହୀନଦୃଷ୍ଟିରେ ଦେଖନ୍ତି ନାହିଁ, କିନ୍ତୁ ସମଗ୍ର ଭାରତରେ କେବଳ ସେହି ଗୋଟିଏ ସ୍ୱର ଶୁଣିଲି – "ଓଡ଼ିଶା ବହୁତ୍ ଗରିବ ଦେଶ ହେଁ" । ନୀତିହୀନତାରୁ ଦାରିଦ୍ର୍ୟ ଆସେ । ଏଥିମଧ୍ୟରୁ ପ୍ରଥମେ କେଉଁଟି ଓଡ଼ିଆମାନଙ୍କୁ ଗ୍ରାସ କରିଥିଲା ? ଦାରିଦ୍ର୍ୟ ହିଁ ପ୍ରଥମେ ଓଡ଼ିଆମାନଙ୍କୁ ଗ୍ରାସ କରିଥିଲା, ଏବଂ ସେଇଥିରୁ ହିଁ–ନୀତିହୀନତା, ଉଦ୍ୟମହୀନତା ଇତ୍ୟାଦି ସମସ୍ତ ଦୁର୍ଗୁଣ ବାହାରିପଡ଼ିଥିଲା । ଦାରିଦ୍ର୍ୟର କେତେକ କାରଣ ଆଗରୁ କହିଛି, କିନ୍ତୁ ସେଗୁଡ଼ିକ ଛଡ଼ା ଆହୁରି ବହୁ କାରଣ ରହିଛି । ବନଗିରିପୂର୍ଣ୍ଣ ଓଡ଼ିଶାରେ ଲକ୍ଷ ଲକ୍ଷ ମାଣ ଭୂମି ଅକର୍ଷିତ ଅବସ୍ଥାରେ ପଡ଼ିଛି, ତଥାପି ଓଡ଼ିଆ କୃଷକ ନିରନ୍ନ । ଓଡ଼ିଆ କୃଷକ ହାତରେ ସମ୍ବଳ ନାହିଁ ଯେ ସେ ତାହାର ପାଞ୍ଚମାଣ

ଜମିକୁ ଛଅମାଣ କରିପାରିବ । ଓଡ଼ିଶାର ଆଦିବାସୀବହୁଳ ଅଞ୍ଚଳରେ ଯେଉଁ ସବର୍ଣ୍ଣ ଓଡ଼ିଆମାନେ ବାସକରନ୍ତି, ସେମାନେ ଆଦିବାସୀମାନଙ୍କ ଦ୍ୱାରା ପ୍ରଭୂତ ଭାବରେ ପ୍ରଭାବିତ ହୋଇଛନ୍ତି । ଆଦିବାସୀଭାଇମାନେ ଆଜି ପାଇଁ ଖାଦ୍ୟଥିଲେ, କାଲିକଥା ଭାବନ୍ତି ନାହିଁ । ଏମାନଙ୍କ ମଧ୍ୟରେ ଯେଉଁ ସବର୍ଣ୍ଣ ଓଡ଼ିଆମାନେ ବାସକରନ୍ତି, ସେମାନେ ମଧ୍ୟ ଏଇ ଭାବାପନ୍ନ ହୋଇପଡ଼ନ୍ତି । ଅନୁସନ୍ଧାନ କଲେ ଦେଖାଯିବ ଯେ ଆଦିବାସୀ ଅଞ୍ଚଳରେ ବାସ କରୁଥିବା ଓଡ଼ିଆମାନେ ମଧ୍ୟ ଆଦିବାସୀମାନଙ୍କ ପରି ଦରିଦ୍ର । ଏମାନଙ୍କ ମଧ୍ୟରୁ କେହି କେହି ସୁଧଖୋର ସାହୁକାର ଟିକିଏ ସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି, ଅନ୍ୟଥା ଆଉ ସମସ୍ତେ ଦରିଦ୍ର ।

**129.** କାହାର ମୂଳାଧାର ହେଉଛି ଏକ ?

(1) ଭାରତୀୟ ସାମାଜିକତାର

(2) ଭାରତୀୟ ଚଳଣିର

(3) ଭାରତୀୟ ଧର୍ମଧାରାର

(4) ଭାରତୀୟ ସଂସ୍କୃତିର

**130.** 'ମହୋଜ୍ଜ୍ୱଳ' — ର ସନ୍ଧିବିଚ୍ଛେଦ କର ।

(1) ମହା + ଜ୍ୱଳ

(2) ମହାନ୍ + ଉଜ୍ଜ୍ୱଳ

(3) ମହା + ଉଜ୍ଜ୍ୱଳ

(4) ମହ + ଉଜ୍ଜ୍ୱଳ

**131.** ଓଡ଼ିଶାର ରଂଗ କାହିଁକି ମ୍ଲାନ ପଡ଼ିଯାଉଛି ?

(1) ଅନଗ୍ରସର ମାନସିକତା ଯୋଗୁ

(2) ଦୈନ୍ୟତା ଯୋଗୁ

(3) ଅଳସୁଆ ମନୋଭାବର ବିକାଶ ଯୋଗୁ

(4) ସାମରିକ ଐଶ୍ୱର୍ଯ୍ୟ ହାନି ଯୋଗୁ

**132.** ଦାରିଦ୍ର୍ୟରୁ କେଉଁ ଦୁର୍ଗୁଣର ଉଦ୍ଭବ ହୋଇଥିଲା ?

(1) ସ୍ତ୍ରୈଣ ମାନସିକତା

(2) ଆଳସ୍ୟ

(3) ଉଦ୍ୟମହୀନତା

(4) ବେପରୁଆଭାବ

**133.** 'ମାଣ' — କହିଲେ କ'ଣ ବୁଝାଯାଏ ?

(1) ଆକର୍ଷଣ

(2) ଭୂମି ମାପର ଏକକ

(3) ପାଗଳାମି

(4) ସମ୍ବଳ

**134.** 'ପ୍ରଭୂତ ଭାବରେ' — କହିଲେ କ'ଣ ବୁଝାଯାଏ ?

(1) ସୀମିତ ପରିମାଣରେ

(2) ହାତଗଣତି ପରିମାଣରେ

(3) ଅଳ୍ପ ପରିମାଣରେ

(4) ବହୁଳ ପରିମାଣରେ

**135.** ଆଦିବାସୀ ଅଞ୍ଚଳରେ ବାସକରୁଥିବା ଓଡ଼ିଆମାନେ ମଧ୍ୟ ସେମାନଂକ ପରି ________ ?

(1) ଅଶିକ୍ଷିତ

(2) ଦରିଦ୍ର

(3) ବେପରୁଆ

(4) ଶାନ୍ତ

***ନିର୍ଦ୍ଦେଶ : ସବୁଠାରୁ ଉପଯୁକ୍ତ ଉତ୍ତର ନିର୍ବାଚନକରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ । (ପ୍ରଶ୍ନ 136 – 150)***

**136.** କେଉଁ ପଦ୍ଧତିରେ ଶିକ୍ଷାରେ ବିଦ୍ୟାର୍ଥୀର ପ୍ରଥମ ଭାଷା କେନ୍ଦ୍ରୀୟ ଭୂମିକା ପ୍ରଦର୍ଶନ କରିଥାଏ

(1) କଥୋପକଥନଧର୍ମୀ ଭାଷା ଶିକ୍ଷଣ ପଦ୍ଧତି

(2) କାର୍ଯ୍ୟ ଆଧାରିତ ଶିକ୍ଷଣ

(3) ପ୍ରତ୍ୟକ୍ଷ ପଦ୍ଧତି

(4) ବ୍ୟାକରଣ–ଅନୁବାଦ ପଦ୍ଧତି

**137.** ଚେତନର ପ୍ରଥମ ଭାଷା ହେଉଛି ଭୋଜପୁରି । ତାମିଲନାଡୁରେ ରହିବାପରଠୁଁ ସେ ଭୋଜପୁରି ଆଉ କହୁନି ଏବଂ ସ୍ଥାନୀୟଲୋକଙ୍କ ସହ ସେ ଇଂରାଜୀରେ କଥାବାର୍ତ୍ତା କରୁଛି । ଯେତେବେଳେ ଏଇ ନୂତନ ଦ୍ୱିତୀୟ ଭାଷାଟି ନିଜ ଭାଷାର ସ୍ଥାନ ଗ୍ରହଣ କରୁଛି, ଏହା ହେଉଛି ________ ଉଦାହରଣ ।

(1) କୋଡ ମିକ୍ସିଙ୍ଗ

(2) କୋଡ ସୁଇଚିଙ୍ଗ

(3) ଦ୍ୱିଭାଷିକତା

(4) ବିୟୋଗାତ୍ମକ ଦ୍ୱିଭାଷିକତା

**138.** ଏଥିମଧ୍ୟରୁ କେଉଁଟି ପ୍ରାକ୍–ପଠନ କାର୍ଯ୍ୟକୁ ସମର୍ଥନ କରୁଛି ?

(1) ପାଠ୍ୟର ସାରାଂଶ ଲେଖିବାକୁ ବିଦ୍ୟାର୍ଥୀଙ୍କୁ କହିବା

(2) ବ୍ୟାକରଣଗତ ଗଠନ ପଦ୍ଧତି ଶିକ୍ଷାଦେବା

(3) ଅନ୍ୱୟାନ୍ତର କାର୍ଯ୍ୟର ବ୍ୟବହାର

(4) ଭବିଷ୍ୟକଥନ କାର୍ଯ୍ୟର ବ୍ୟବହାର

**139.** ଉପଗ୍ରମୂଳକ ଶିକ୍ଷା ସମ୍ବନ୍ଧରେ କେଉଁଟି ସଠିକ୍ ଅଟେ ?

(1) ପାଠ ପଢାରେ ଉନ୍ନତି କରିବାକୁ ସମର୍ଥନ ଯୋଗାଇ ଦେବା

(2) ପାଠ ପଢାରେ ଉନ୍ନତି ଆଣିବା ପାଇଁ ଅଧିକ ନମ୍ବର ଦେବା

(3) ପ୍ରତିଭାଶାଳୀ ପିଲାଙ୍କ ପ୍ରତି ଅଧିକ ଧ୍ୟାନ ଦେବା

(4) ଦୁର୍ବଳ ଶିକ୍ଷାର୍ଥୀଙ୍କ ପ୍ରତି ନମନୀୟ ଭାବ ଦେଖାଇବା

**140.** ସ୍ଥାପନା (A) : ଭାରତରେ ଇଂରାଜୀ ହେଉଛି ଏକ ଅତିରିକ୍ତ ସରକାରୀ ଭାଷା ।

ଯୁକ୍ତି (R) : ଭାରତୀୟ ବିଦ୍ୟାଳୟ ଗୁଡିକରେ ଇଂରାଜୀ ଏକ ବିଦେଶୀ ଭାଷା ହିସାବରେ ପଢାଯାଏ ।

ନିମ୍ନ ବିକଳ୍ପରୁ ସଠିକ୍ ଉତ୍ତର ବାଛ :

(1) (A) ଠିକ୍, କିନ୍ତୁ (R) ଭୁଲ

(2) (A) ଭୁଲ, କିନ୍ତୁ (R) ଠିକ୍

(3) ଉଭୟ (A) ଓ (R) ଠିକ୍, ଏବଂ (R) ହେଉଛି (A) ର ସଠିକ ବ୍ୟାଖ୍ୟା

(4) ଉଭୟ (A) ଓ (R) ଠିକ୍, କିନ୍ତୁ (A) ର ସଠିକ ବ୍ୟାଖ୍ୟା (R) ***ନୁହେଁ***

**141.** ଏଥିମଧ୍ୟରୁ କେଉଁଟି ଗୋଟିଏ ଭାଷାର ବୈଶିଷ୍ଟ୍ୟ ***ନୁହେଁ*** ?

(1) ଭାଷା ହେଉଛି ପ୍ରତୀକାତ୍ମକ

(2) ଭାଷା ହେଉଛି ସାମାଜିକ

(3) ଭାଷା ହେଉଛି ରୀତିସମ୍ମତ

(4) ଭାଷା ହେଉଛି ସ୍ଥିର

**142.** ସ୍ଥାପନା (A) : ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହନ ଦେବାରେ ପୂର୍ବଜ୍ଞାନର ସ୍ମରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଯୁକ୍ତି (R) : ପୂର୍ବଜ୍ଞାନର ସ୍ମରଣ ବିଦ୍ୟାର୍ଥୀଙ୍କୁ ନୂଆ ଜ୍ଞାନ ସହିତ ଜାଣିଥିବା ଜ୍ଞାନର ସଂଯୋଗରେ ସହାୟତା କରିଥାଏ ।

ନିମ୍ନ ବିକଳ୍ପରୁ ସଠିକ୍ ଉତ୍ତର ବାଛ :

(1) (A) ଠିକ୍, କିନ୍ତୁ (R) ଭୁଲ

(2) (A) ଭୁଲ, କିନ୍ତୁ (R) ଠିକ୍

(3) ଉଭୟ (A) ଓ (R) ଠିକ୍, ଏବଂ (R) ହେଉଛି (A) ର ସଠିକ ବ୍ୟାଖ୍ୟା

(4) ଉଭୟ (A) ଓ (R) ଠିକ୍, କିନ୍ତୁ (A) ର ସଠିକ ବ୍ୟାଖ୍ୟା (R) ***ନୁହେଁ***

**143.** ଗୃହରେ ଶକ୍ତି ସଂଚୟ ଉପରେ ଏକ ଲିଫଲେଟ ପ୍ରସ୍ତୁତ କରିଆଣିବାକୁ ଜଣେ ଶିକ୍ଷକ ଅଷ୍ଟମଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଆସାଇନମେଣ୍ଟ ଦେଇଥିଲେ । ଏହି କାର୍ଯ୍ୟଟି ଭାଷାର କେଉଁ ବୈଶିଷ୍ଟ୍ୟକୁ ସୂଚାଇବ ?

(1) ପ୍ରଶ୍ନମାଧ୍ୟମ

(2) ତୁଳନାତ୍ମକ

(3) ଅତୀତ କାଳ

(4) ଆସ୍ତିବାଚକ ପ୍ରସଙ୍ଗ

**144.** ଏକ ପାଠ୍ୟ ପ୍ରସ୍ତୁତିବେଳେ, ଗୋଟିଏ ଉଦ୍ଦେଶ୍ୟହେଉଛି ଗ୍ରାହକମାନଙ୍କ ସହିତ ନିର୍ଦ୍ଦିଷ୍ଟ ବ୍ୟବସାୟିକ କଥୋପକଥନରେ ବିଦ୍ୟାର୍ଥୀଙ୍କୁ ସକ୍ଷମ କରାଇବା । ଏହି ଉଦ୍ଦେଶ୍ୟଟି କେଉଁ ପ୍ରକାର ପାଠ୍ୟଶୈଳୀ ସହିତ ଖାପଖାଉଛି ?

(1) ବିବରଣୀ

(2) ପ୍ରବନ୍ଧ

(3) ଚିଠି

(4) ବର୍ଣ୍ଣନା

**145.** ଛବିରେଥିବା ଗ୍ରୋଟି ବାଦ୍ୟଯନ୍ତ୍ରକୁ ଦେଖିବା ପାଇଁ ଜଣେ ଶିକ୍ଷକ ପିଲାମାନଙ୍କୁ କହିଲେ ଏବଂ କାହିଁକି ଏଗୁଡିକ ବିଭିନ୍ନ ସଙ୍ଗୀତ ପ୍ରସଙ୍ଗରେ ବ୍ୟବହାର କରାଯାଏ ବୋଲି ପଗ୍ରିଲେ । ଏହି କାର୍ଯ୍ୟ ସହିତ କେଉଁ ବୋଧଶକ୍ତି କୌଶଳଟି ସଂପୃକ୍ତ, ବାଛ ।

(1) ବିଶ୍ଲେଷଣ କରିବା

(2) ଯୁକ୍ତି କରିବା

(3) କଳ୍ପନା କରିବା

(4) ସଂରଚନା କରିବା

**146.** ଏକକଭାଷୀ କଥକ ସେହି ଏକା ଭାଷାରେ କଥାବାର୍ତ୍ତାବେଳେ ସାଧାରଣ ସ୍ତରରୁ ଅସାଧାରଣ ସ୍ତରକୁ ଗଲାବେଳେ କିମ୍ବା ଅଙ୍ଗଭଂଗୀ ସୂଚକ ବିଗ୍ର ବେଳେ, ସେମାନେ ବ୍ୟାପୃତ ହୋଇଥାନ୍ତି _______ ରେ ।

(1) କୋଡ୍ ମିକ୍ସିଙ୍ଗରେ

(2) ଉପଭାଷାରେ

(3) ସମାଜଭିତ୍ତିକ ଭାଷାତତ୍ତ୍ୱରେ

(4) କୋଡ୍ ସୁଇଚିଙ୍ଗରେ

**147.** ଶିଶୁଙ୍କର ଅନୌପଗ୍ରିକ ବାର୍ତ୍ତାଳାପ, ବନ୍ଧୁତା ଏବଂ ଅନ୍ୟମାନଙ୍କ ସହିତ ସଂପର୍କ ସେମାନଙ୍କ ଭାଷାର କେଉଁ ଧାରା ଉପରେ ନିର୍ଭର କରିଥାଏ ?

(1) ସ୍ଥାନପ୍ରଦାନ

(2) ଭାଷା ସାମାଜିକୀକରଣ

(3) ସାଂସ୍କୃତିକୀକରଣ

(4) ମିଶ୍ରଣ

**148.** ଶବ୍ଦଜ୍ଞାନର ବ୍ୟବହାରରେ ବ୍ୟାକରଣ ବିଦ୍ୟାର୍ଥୀମାନଙ୍କର କେଉଁ ପଥପ୍ରଦର୍ଶନ କରିଥାଏ

(1) ଶାବ୍ଦିକ ଜ୍ଞାନକୁ ଅର୍ଥପୂର୍ଣ୍ଣ ଓ ଫଳପ୍ରଦ ବାର୍ତ୍ତାଳାପ ସହ ଯୋଡ଼ିବାରେ

(2) ଉଚ୍ଚତର ଶ୍ରେଣୀରେ ଲିଖନର ସାଧାରଣ ତଥ୍ୟର ଚିଠା ପ୍ରସ୍ତୁତ କରିବାରେ

(3) ଅଧିକ ସଠିକତା ଓ ଆତ୍ମବିଶ୍ୱାସର ସହିତ ସାଧାରଣ କ୍ଷେତ୍ରରେ କଥାବାର୍ତ୍ତା କରିବାରେ

(4) ଶୁଣିଥିବା ତଥ୍ୟକୁ ମୌଖିକ ତଥ୍ୟରେ ପୁନସର୍ଜନ ସମୟରେ

**149.** ବିଦ୍ୟାର୍ଥୀଙ୍କୁ ଭାଷା ଶିକ୍ଷା ଶିକ୍ଷଣ ବେଳେ କେଉଁଟି କ୍ଲାସରୁମର୍ ସମ୍ବଳ ***ନୁହେଁ*** ?

(1) ଶ୍ରେଣୀ ପାଠାଗାର

(2) ଶ୍ରେଣୀ କାର୍ଯ୍ୟଧାରା

(3) ଶବ୍ଦ କାନ୍ଥ

(4) ପଠନ କୋଣ

**150.** ସ୍ଥାପନା (A) : ବ୍ୟକ୍ତିକୈନ୍ଦ୍ରିକ ଶିକ୍ଷଣର ଏକ ଯୋଜନା ଭାଷା ଶିକ୍ଷକଙ୍କଦ୍ୱାରା କରାଯିବା ଉଚିତ ।

ଯୁକ୍ତି (R) : ନୂତନ ଭାଷା ଶିକ୍ଷାରେ ବିଦ୍ୟାର୍ଥୀଙ୍କ ଭିତରେ ବିଭିନ୍ନତା ଦେଖା ଦେଇଥାଏ ।

ନିମ୍ନ ବିକଳ୍ପରୁ ସଠିକ୍ ଉତ୍ତର ବାଛ :

(1) (A) ଠିକ୍, କିନ୍ତୁ (R) ଭୁଲ

(2) (A) ଭୁଲ, କିନ୍ତୁ (R) ଠିକ୍

(3) ଉଭୟ (A) ଏବଂ (R) ଠିକ୍, ଏବଂ (R) ହେଉଛି (A) ର ସଠିକ ବ୍ୟାଖ୍ୟା

(4) ଉଭୟ (A) ଏବଂ (R) ଠିକ୍, କିନ୍ତୁ (A) ର ସଠିକ ବ୍ୟାଖ୍ୟା (R) ***ନୁହେଁ***

# SPACE FOR ROUGH WORK

# SPACE FOR ROUGH WORK

*ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :*

1. ଯେଉଁ ପ୍ରକାରର ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯିବା କଥା, ତାର ବର୍ଣ୍ଣନା ପରୀକ୍ଷା ପୁସ୍ତକର କରାଯାଇଅଛି, ଯାହାକୁ ଆପଣ ପ୍ରଶ୍ନର ଉତ୍ତର ଦେବା ଆଗରୁ ଧ୍ୟାନ ପୂର୍ବକ ପଢ଼ିନିଅନ୍ତୁ ।

2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ପତ୍ରର **ପୃଷ୍ଠା-2** ରେ **ବ୍ଲୁ/ବ୍ଲାକ୍ ବଲ୍ ପଏଣ୍ଟ୍ ପେନ୍‌ରେ** ମାର୍କ କରନ୍ତୁ । ଥରେ ମାର୍କ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

3. ଉତ୍ତରପତ୍ରକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।

4. ପରୀକ୍ଷା ପୁସ୍ତକ ଓ ଉତ୍ତରପତ୍ରକୁ ଧ୍ୟାନପୂର୍ବକ ପଢ଼ନ୍ତୁ, କୌଣସି ପରିସ୍ଥିତିରେ (କେବଳ ପରୀକ୍ଷା ପୁସ୍ତକ ଓ ଉତ୍ତରପତ୍ରର କୋଡ ଓ ସଂଖ୍ୟାର ଭିନ୍ନତା ସ୍ଥିତିକୁ ଛାଡ଼ି) ଦ୍ଵିତିୟଥର ପରୀକ୍ଷା ପୁସ୍ତକ ଉପଲବଧ କରାଯିବ ନାହିଁ ।

5. ପରୀକ୍ଷା ପୁସ୍ତକ ଓ ଉତ୍ତରପତ୍ରରେ ଦିଆ ଯାଇଥିବା ପରୀକ୍ଷା ପୁସ୍ତକ କୋଡ ଓ ସଂଖ୍ୟାକୁ ପରୀକ୍ଷାର୍ଥୀଗଣ ଠିକ ନିୟମରେ ହାଜରି ପତ୍ରରେ ଲେଖନ୍ତୁ ।

6. OMR ଉତ୍ତର ପତ୍ରର କୋଡକୁ ଜାଣିବା ପାଇଁ ଏକ ମଶିନି ପଢ଼ିବ, ଏଥିପାଇଁ କୌଣସି ସୂଚନା ଅଧୁରା ଛାଡ଼ନ୍ତୁନାହିଁ ଓ ପ୍ରବେଶ ପତ୍ରର ଦିଆଯାଇଥିବା ସୂଚନା ଭିନ୍ନ ହେବା ଦରକାର ନୁହେଁ ।

7. ପରୀକ୍ଷାର୍ଥୀ ଦ୍ଵାରା ପରୀକ୍ଷା ହାଲ/କକ୍ଷରେ ପ୍ରବେଶ ପତ୍ର ଛଡା କୌଣସି ପ୍ରକାରର ପାଠ୍ୟ ସାମଗ୍ରୀ, ମୁଦ୍ରିତ ଓ ହସ୍ତଲିଖିତ କାଗଜ ପର୍ଚୀ, ପେଜର, ମୋବାଇଲ ଫୋନ, ଇଲେକ୍ଟ୍ରାନିକ ଉପକରଣ ଓ ଅନ୍ୟ କୌଣସି ପ୍ରକାରର ସାମଗ୍ରୀ ନେବା ଓ ଉପଯୋଗ କରିବେ ନାହିଁ ।

8. ମୋବାଇଲ ଫୋନ ବେତାର ସଂଗ୍ରର ବସ୍ତୁ ଓ ଅନ୍ୟ ପ୍ରତିବନ୍ଧିତ ବସ୍ତୁ ପରିକ୍ଷାହଲ କୁ ନେବା ମନା । ଏହି ସୂଚନାକୁ ପାଳନ ନ କଲେ ଏହାକୁ ଅନୁଚିତ ସାଧନ ମାନିନାକୁ ହେବ ଓ ପରିକ୍ଷାର୍ଥୀ ବିରୁଧର କଠୋର କାର୍ଯ୍ୟନୁଷ୍ଠାନ ନିଆଯିବ, ଦୟାପୂର୍ବକ ଆପଣ ଏସବୁ ଉପକରଣ ପରୀକ୍ଷା ହଲକୁ ନେବେନି ।

9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତା'ଙ୍କୁ ତନଖି ନିମିତ୍ତ ଦେଖାଇବେ ।

10. କେନ୍ଦ୍ର ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ବିନା କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

11. ପରୀକ୍ଷକଙ୍କୁ ଉତ୍ତର ପତ୍ର ଓ ହାଜରି ପତ୍ରର ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା ହାଲ/କକ୍ଷ ଛାଡ଼ି ବାହାରକୁ ଯାଇପାରିବେ ନାହିଁ । ଯଦି କୌଣସି ପରୀକ୍ଷାର୍ଥୀ ଦ୍ଵିତୀୟ ଥର ହାଜରି ପତ୍ରରେ ସ୍ଵାକ୍ଷର କରି ନ ଥିଲେ ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ । **ପରୀକ୍ଷାର୍ଥୀ ନିଜ ବାମ ହାତର ଅଂଗୁଠିର ନିଶାନ ହାଜରି ପତ୍ରରେ ଦିଆ ଯାଇଥିବା ସ୍ଥାନରେ ଅବଶ୍ୟ ଲଗାନ୍ତୁ ।**

12. ଇଲେକ୍ଟ୍ରୋନିକ/ହସ୍ତଚାଳିତ ପରିଗ୍ଣନକ ବସ୍ତୁ ଉପଯୋଗ କରନ୍ତୁ ନାହିଁ ।

13. ପରୀକ୍ଷା ହାଲ/କକ୍ଷ ପରିଗ୍ଳନା ସଂକ୍ରାନ୍ତରେ ପରୀକ୍ଷା ସଂସ୍ଥା ନିୟମ ଓ କାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ପରୀକ୍ଷା ସଂସ୍ଥା ନିୟମ ଓ କାନୁନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

14. କୌଣସି ପରିସ୍ଥିତିରେ ପରୀକ୍ଷା ପୁସ୍ତକ ଓ ଉତ୍ତରପତ୍ରର କୌଣସି ଭାଗକୁ ଅଲଗା କରି ପାରିବେ ନାହିଁ ।

15. **ପରୀକ୍ଷା ସରିଲା ପରେ, ପରୀକ୍ଷାର୍ଥୀ ହାଲ/କକ୍ଷ ଛାଡ଼ିବା ପୁର୍ବରୁ ଉତ୍ତର ପତ୍ର ପରୀକ୍ଷକଙ୍କୁ ଦେଇ ଦେବେ ।** ***ପରୀକ୍ଷାର୍ଥୀ ନିଜ ସଙ୍ଗରେ ପରୀକ୍ଷା ପୁସ୍ତକକୁ ନେଇ ଯାଇ ପାରିବେ ।***

**READ THE FOLLOWING INSTRUCTIONS CAREFULLY :**

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Blue/Black Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the Examination Hall/Room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, will be considered as using unfair means in the examination and action will be taken against the candidate including cancellation of examination.
9. Each candidate must show on demand his / her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his / her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left-hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Examining Body with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Examining Body.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Room/Hall.** ***The candidates are allowed to take away this Test Booklet with them.***

**निम्नलिखित निर्देशों को ध्यान से पढ़ें :**

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें ।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **नीले/काले बॉल पॉइन्ट पेन** से भरें । एक बार उत्तर अंकित करने के बाद उसे बदला नहीं जा सकता है ।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर पत्र में निर्धारित स्थान के अतिरिक्त अन्यत्र न लिखें ।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के कोड या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
5. परीक्षा पुस्तिका/उत्तर पत्र में दिए गए परीक्षा पुस्तिका कोड व संख्या को परीक्षार्थी सही तरीके से उपस्थिति-पत्र में लिखें ।
6. OMR उत्तर पत्र में कोडित जानकारी को एक मशीन पढ़ेगी । इसलिए कोई भी सूचना अधूरी न छोड़ें और यह प्रवेश पत्र में दी गई सूचना से भिन्न नहीं होनी चाहिए ।
7. परीक्षार्थी द्वारा परीक्षा हॉल/कक्ष में प्रवेश पत्र के सिवाय किसी प्रकार की पाठ्य सामग्री, मुद्रित या हस्तलिखित, काग़ज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए । इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और परीक्षार्थी के विरुद्ध कार्यवाही की जाएगी, परीक्षा रद्द करने सहित ।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
11. कार्यरत निरीक्षक को अपना उत्तर पत्र दिए बिना एवं उपस्थिति-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे । यदि किसी परीक्षार्थी ने दूसरी बार उपस्थिति-पत्र पर हस्ताक्षर नहीं किए तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अँगूठे का निशान उपस्थिति-पत्र में दिए गए स्थान पर अवश्य लगाएँ ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है ।
13. परीक्षा-हॉल/कक्ष में आचरण के लिए परीक्षार्थी परीक्षण संस्था के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला परीक्षण संस्था के नियमों एवं विनियमों के अनुसार होगा ।
14. किसी भी परिस्थिति में परीक्षा पुस्तिका और उत्तर पत्र का कोई भाग अलग न करें ।
15. **परीक्षा सम्पन्न होने पर, परीक्षार्थी कक्ष/हॉल छोड़ने से पूर्व उत्तर पत्र निरीक्षक को अवश्य सौंप दें ।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं ।***